## ଫକୀର ମୋହନ ମେଡିକାଲ କଲେଜ ଓ ହସ୍ପିଟାଲ

# ଘରୋଇ ଆମ୍ବୁଲାନ୍ସ କବ୍‌ଜାରେ ଫାଟକ ସମ୍ମୁଖ ରାସ୍ତା

ବାଲେଶ୍ୱର, ୧୭।୨ (ରୁଚିକ ରଞ୍ଜନ ମହାପାତ୍ର)





ବାଲେଶ୍ୱର ଜିଲ୍ଲା ଫକୀର ମୋହନ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠାକୁ ୩ ବର୍ଷରୁ ଅଧିକ ସମୟ ବିତିଥିଲେ ସୁଦ୍ଧା ପ୍ରମୁଖ ସମସ୍ୟାକୁ ଧ୍ୟାନ ଦେବାରେ ଅସମର୍ଥ ମେଡିକାଲ କର୍ତ୍ତୃପକ୍ଷ। ମେଡିକାଲର ମୁଖ୍ୟ ଫାଟକର ଗୋଟିଏ ପାଶ୍ୱର୍ ଖୋଲାଥିବା ବେଳେ ପ୍ରସ୍ଥାନ ଫାଟକରେ ଉଦଘାଟନର ୩ ବର୍ଷ ପରେ ବି ତାଲା ଝୁଲୁଛି। ସେପଟେ ଫାଟକ ସମ୍ମୁଖ ପ୍ରସ୍ଥାନ ରାସ୍ତା ଏବେ ଘରୋଇ ଆମ୍ବୁଲାନ୍ସର ପାର୍କିଂ ସ୍ଥଳ ପାଲଟିଥିବାର ଦେଖିବାକୁ ମିଳିଛି। ବର୍ଷ ବର୍ଷ ଧରି ରୋଗୀ ହନ୍ତସନ୍ତ ହେଉଥିବା ବେଳେ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଅଞ୍ଚଳବାସୀ ଦାୟୀ କରିବା ସହ ଘରୋଇ ଆମ୍ବୁଲାନ୍ସ ପାଖେ ବନ୍ଧା ପଡ଼ିଛି କି ଫକୀର ମୋହନ ମେଡିକାଲ କଲେଜ ଓ ହସପିଟାଲ ବୋଲି ପ୍ରଶ୍ନ କରିଛନ୍ତି।

ଗତ ୨୦୨୩ ମସିହାରେ ଫକୀର ମୋହନ ମେଡିକାଲ କଲେଜ ଓ ହସ୍ପିଟାଲ ଉଦଘାଟନ ହୋଇଥିବା ବେଳେ ୨୦୨୪ ଶେଷ ବେଳକୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ସମସ୍ତ ବିଭାଗ ରେମୁଣା ସ୍ଥିତ ଫକୀର ମୋହନ ମେଡିକାଲ କଲେଜକୁ ସ୍ଥାନାନ୍ତର ହୋଇଥିଲା। ତରବରିଆ ଭାବେ ସବୁ ସ୍ଥାନାନ୍ତରିତ ହେଲା ସତ ହେଲେ ଉଦଘାଟନକୁ ୩ ବର୍ଷରୁ ଅଧିକ ସମୟ ବିତିବା ପରେ ବି ପ୍ରମୁଖ ସମସ୍ୟାକୁ ଧ୍ୟାନ ଦେଇ ନାହାନ୍ତି ଉଭୟ ମେଡିକାଲ କର୍ତ୍ତୃପକ୍ଷ ଏବଂ ଜିଲ୍ଲା ପ୍ରଶାସନ। ଦୀର୍ଘ ୩ ବର୍ଷ ପରେ ମଧ ମେଡିକାଲକୁ ଯିବା ପାଇଁ ଥିବା ମୁଖ୍ୟ ଫାଟକର ପ୍ରସ୍ଥାନ ଫାଟକରେ ତାଲା ଝୁଲୁଥିବା ବେଳେ କେବଳ ପ୍ରବେଶ ଫାଟକ ଦେଇ ଆମ୍ବୁଲନ୍ସ ସହ ରୋଗୀଙ୍କ ସମ୍ପର୍କୀୟ ଯାତାୟାତ କରୁଛନ୍ତି। ଯାହାଦ୍ୱାରା ଯିବା ଆସିବା ସମୟରେ ରୋଗୀଙ୍କୁ ନେଇ ଯାତାୟତ କରୁଥିବା ଆମ୍ବୁଲାନ୍ସ ବହୁ ଅସୁବିଧାରେ ସମ୍ମୁଖୀନ ହୁଏ। ଏଭଳି ସ୍ଥିତିରେ ବନ୍ଦ ଥିବା ଫାଟକ ସମ୍ମୁଖ ରାସ୍ତାକୁ ୨୦ରୁ ଅଧିକ ଘରୋଇ ଆମ୍ବୁଲାନ୍ସ ଅକ୍ତିଆର କରି ଉଦଘାଟନ ହେବା ଠାରୁ ଆଜି ପର୍ଯ୍ୟନ୍ତ ରଖିବା ସମସ୍ତଙ୍କୁ ଚକିତ କରିଛି। ସେପଟେ ଅନେକ ଘରୋଇ ଆମ୍ବୁଲାନ୍ସରେ ଇନ୍ସୁରାନ୍ସ ଏବଂ ଫିଟନେସ ନଥିବା ବେଳେ ବିପଦପୂର୍ଣ୍ଣ ଭାବେ ରୋଗୀ ପରିବହନ କରାଯାଉଛି। ଏ ନେଇ 'ସକାଳ'ରେ ଖବର ପ୍ରସାରଣ ପରେ ପରିବହନ ବିଭାଗ ତରବରିଆ ଭାବେ ୨୦୨୫ ମସିହା ସେପ୍ଟେମ୍ବର ୯ରେ ୧୩ଟି ଘରୋଇ ଆମ୍ବୁଲାନ୍ସର ୨ ଲକ୍ଷ ୬୭ ହଜାର ଟଙ୍କାର ଚାଲାଣ କାଟିଥିଲା। ହେଲେ ଚାଲାଣ କାଟି ପରିବହନ ବିଭାଗ ଚୁପ ବସିଥିବା ବେଳେ ଘରୋଇ ଆମ୍ବୁଲାନ୍ସ ଯେମିତି କି ସେମିତି ଅବସ୍ଥାରେ। ଅନେକ ଆମ୍ବୁଲାନ୍ସରେ ଫିଟନେସ ଏବଂ ଇନ୍ସୁରାନ୍ସ ଅବଧି ସରିଥିବା ବେଳେ ଏବେ ବି ବିପଦପୂର୍ଣ୍ଣ ଭାବେ ରୋଗୀଙ୍କୁ ପରିବହନ କରାଯାଉଥିବାର ଦେଖିବାକୁ ମିଳିଛି। ଗୋଟିଏ ପଟେ ମେଡିକାଲ କର୍ତ୍ତୃପକ୍ଷ ମେଡିକାଲ ପ୍ରସ୍ଥାନ ଫାଟକ ତାଲା ପକାଇ ଘରୋଇ ଆମ୍ବୁଲାନ୍ସ ପାଇଁ ସମ୍ମୁଖ ରାସ୍ତାକୁ ଛାଡ଼ି ଦେଇଥିବା ବେଳେ ପରିବହନ ବିଭାଗ ମଧ ନିୟମିତ ଯାଞ୍ଚ ନ କରି ଏକାଧିକ ଘରୋଇ ଆମ୍ବୁଲାନ୍ସକୁ ବିପଦପୂର୍ଣ୍ଣ ଭାବେ ଯାତାୟତ ପାଇଁ ପ୍ରୋତ୍ସାହନ ଦେଉଥିବା ଚର୍ଚ୍ଚା ଜୋର ଧରିଛି। ପ୍ରସ୍ଥାନ ଫାଟକ ତାଲା ପକାଇ ସେହି ରାସ୍ତାକୁ ଘରୋଇ ଆମ୍ବୁଲାନ୍ସର ପାର୍କିଂ ସ୍ଥଳ କରାଯିବା ନେଇ ଫକୀର ମୋହନ ମେଡିକାଲ କଲେଜ ଓ ହସପିଟାଲର ସୁପରିଣ୍ଟେଣ୍ଡେଣ୍ଟ ଜିତେନ୍ଦ୍ର ନାଥ ବେହେରା କୁହନ୍ତି ପୂର୍ତ୍ତ ବିଭାଗ ବର୍ଷ ବର୍ଷ ଧରି କାର୍ଯ୍ୟ ଅଧା କରି ପକାଇ ଦେଇଥିବାରୁ ଏ ନେଇ ବହୁ ସମସ୍ୟା ଉପୁଜୁଛି। ବାରମ୍ବାର କହିବା ସତ୍ତ୍ୱେ ପୂର୍ତ୍ତ ବିଭାଗ ଏଥିପ୍ରତି ଧ୍ୟାନ ଦେଉନି। ଯାତାୟତ ପାଇଁ ରାସ୍ତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ପୂର୍ତ୍ତ ବିଭାଗ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ କରୁଛି। ଯାହାର ସୁଯୋଗ ନେଇ ଘରୋଇ ଆମ୍ବୁଲାନ୍ସ ଗୁଡ଼ିକ ରାସ୍ତାକୁ ପାର୍କିଂ ପାଇଁ ବ୍ୟବହାର କରୁଛନ୍ତି। ପୂର୍ତ୍ତ ବିଭାଗ ସମସ୍ତ କାର୍ଯ୍ୟ ସାରି ଦେଲେ ଆମ୍ଭେ ଆମ୍ବୁଲାନ୍ସ ଗୁଡ଼ିକର ପାର୍କିଂର ପ୍ରତିବନ୍ଧକ ଲଗାଇବୁ। ସେପଟେ ୩ ବର୍ଷରୁ ଉର୍ଦ୍ଧ ସମୟ ପରେ ବି ପୂର୍ତ୍ତ ବିଭାଗ ମେଡିକାଲ ମୁଖ୍ୟ ଫାଟକରେ ନାମ ଲେଖିବା କିମ୍ବା ଯାତାୟାତ ରାସ୍ତାର ଉନ୍ନତିକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ନକରି ଅଧପନ୍ତରିଆ କରି ରଖିବା ବିଭାଗର ଆନ୍ତରିକତାର ଅଭାବକୁ ସୂଚାଉଛି ବୋଲି ବୁଦ୍ଧିଜୀବୀ ମାନେ ପ୍ରକାଶ କରିଛନ୍ତି। ଏ ନେଇ ପୂର୍ତ୍ତ ବିଭାଗର ଏସଡ଼ିଓ ଦୁର୍ଗା ମାରାଣ୍ଡିଙ୍କୁ ଯୋଗାଯୋଗ କରିବାରୁ ଏଷ୍ଟିମେଣ୍ଟ ହୋଇ ସାରିଛି ୧ ମାସ ମଧ୍ୟରେ ଫାଟକର ସମ୍ମୁଖ ଭାଗରେ ବାକିଥିବା ନିର୍ମାଣ କାର୍ଯ୍ୟ ଶେଷ କରିବୁ ବୋଲି ପ୍ରକାଶ କରିଛନ୍ତି।

- ପ୍ରସ୍ଥାନ ଫାଟକରେ ଉଦଘାଟନର ୩ ବର୍ଷ ପରେ ବି ତାଲା ଝୁଲୁଛି
- ପ୍ରବେଶ ଓ ପ୍ରସ୍ଥାନ ପାଇଁ ଗୋଟିଏ ରାସ୍ତା, ହନ୍ତସନ୍ତ ରୋଗୀ
- ପୂର୍ତ୍ତ ବିଭାଗକୁ ଦାୟୀକଲେ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ

● ଭିନ୍ନକ୍ଷମଙ୍କୁ ପିଇଓଙ୍କ ଅଣଦେଖା

# ଅଭିଯୋଗ ପରେ ପାଇଲେ ପିଛିଲା ଭତ୍ତା



ବାଲିଆପାଳ, ୧୭।୨ (ସମିସ): ସରକାର ଭିନ୍ନକ୍ଷମଙ୍କ ସୁରକ୍ଷା ଓ ସମ୍ମାନ ପାଇଁ ଭିନ୍ନକ୍ଷମ ଅଧିକାର ସୁରକ୍ଷା ଆଇନ ପ୍ରଣୟନ କରିଥିଲେ ମଧ୍ୟ ତୃଣମୂଳ ସ୍ତରରେ ତାହାର ପ୍ରତିଫଳନ ଦେଖାଯାଉନାହିଁ। ବାଲିଆପାଳ ବ୍ଲକର କୁଣ୍ଡୁଳି ଓ ବୋଙ୍ଗ ପଞ୍ଚାୟତର କିଛି ଭିନ୍ନକ୍ଷମ ଦୀର୍ଘଦିନ ଧରି ୟୁଡିଆଇଡି ତଥା ଅନଲାଇନ ପ୍ରମାଣପତ୍ର ନଥିବା ହେତୁ ଦୀର୍ଘ ଦିନ ଧରି ଭିନ୍ନକ୍ଷମ ଭତ୍ତାରୁ ବଞ୍ଚିତ ଥିଲେ। ଗତ ୯ ତାରିଖରେ ବାଲିଆପାଳ ଭିନ୍ନକ୍ଷମ ମେଳାରେ ଡାକ୍ତରୀ ପରୀକ୍ଷା ପରେ ସେମାନେ ଭତ୍ତା ପାଇବାକୁ ଯୋଗ୍ୟ ହୋଇଥିଲେ। ସାମାଜିକ କର୍ମୀ ରାଜକିଶୋର ପାତ୍ରଙ୍କ ଅଭିଯୋଗ ଅନୁସାରେ ବ୍ଲକ ପ୍ରଶାସନ ଭତ୍ତା ତାଲିକାରେ ଏହି ଭିନ୍ନକ୍ଷମଙ୍କ ନାମ ସଂଯୋଗ ସହ ପିଛିଲା ଭତ୍ତା ଲିପିବଦ୍ଧ କରିଥିଲେ। କିନ୍ତୁ ଭତ୍ତା ନେବା ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଅବହେଳିତ ଭିନ୍ନକ୍ଷମମାନେ ଆସିଥିବାବେଳେ ଦୁଇ ପଞ୍ଚାୟତର ପିଇଓ ଶାଶ୍ୱତ ମୁର୍ମୁ ଏବଂ ରାଜକୁମାର ସେନାପତି ଡାକ୍ତରୀ ରିପୋର୍ଟ ଥିଲେ ମଧ୍ୟ ଅନଲାଇନ ପ୍ରମାଣପତ୍ର ଦାବି କରି ଭତ୍ତା ଦେବାକୁ ଅସ୍ୱୀକାର କରିଥିଲେ। ସକାଳ ୯ଟାରୁ ପ୍ରଥମେ ଅପେକ୍ଷା କରିଥିବା ଭିନ୍ନକ୍ଷମ ମାନଙ୍କୁ ହେୟଜ୍ଞାନ କରି ଅନ୍ୟମାନଙ୍କୁ ପ୍ରଥମେ ଭତ୍ତା ବଣ୍ଟନ କରାଇଥିଲେ। ପରେ ସାମାଜିକ କର୍ମୀ ଶ୍ରୀ ପାତ୍ରଙ୍କ ଅଭିଯୋଗ ଓ ବ୍ଲକ ଅଧିକାରୀଙ୍କ ହସ୍ତକ୍ଷେପ ପରେ ଅପରାହ୍ନ ୧ଟାରେ ସେମାନେ ଭତ୍ତା ପାଇଥିଲେ। ଏହି ଘଟଣା ଭିନ୍ନକ୍ଷମଙ୍କ ପ୍ରତି ଅବହେଳାକୁ ସ୍ପଷ୍ଟ କରୁଛି। ବୁଦ୍ଧିଜୀବୀମାନେ ଏଭଳି ବ୍ୟବହାରକୁ ନିନ୍ଦା କରିବା ସହ ଆଗାମୀ ଦିନରେ ଭିନ୍ନକ୍ଷମମାନେ ପ୍ରାଥମିକତା ଭିତ୍ତରେ କିପରି ଭତ୍ତା ପାଇବେ ପ୍ରଶାସନକୁ ନିବେଦନ କରିଛନ୍ତି।

# ସାମ୍ବାଦିକ ବାସୁଦେବ ରାଉଳଙ୍କ ବିୟୋଗରେ ଶୋକସଭା

ବାଲେଶ୍ୱର,୧୭।୨(ସମିସ): ସାମ୍ବାଦିକ ବାସୁଦେବ ରାଉଳଙ୍କ ବିୟୋଗରେ ଏକ ଶୋକସଭା ସାମ୍ବାଦିକ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ଦେବବ୍ରତ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଉଜ୍ଜଳ ଚନ୍ଦ୍ର କର, ବିପ୍ଳବ କୁମାର ମହାନ୍ତି, ଶୁଭେନ୍ଦୁ ଦାସ, ସର୍ବେଶ୍ୱର ଦାସ, ନରେନ୍ଦ୍ର ବିହାରୀ ଦାସ, ରତିକାନ୍ତ ପାତ୍ର, ସନ୍ଦୀପ୍ତ ଦାସ, ଗଗନ ସେଠୀ, ସପନ ବିଶ୍ୱାଳ, ଗୋପୀକୃଷ୍ଣ ମହାନ୍ତି, ମହେଶ୍ୱର ପ୍ରଧାନ, ସୁଶୀଳ ଜେନା, ମୃତ୍ୟୁଞ୍ଜୟ ପଟ୍ଟନାୟକ, ସଂଯୁକ୍ତା ବେହେରା, ବିନାୟକ ମହାପାତ୍ର, ରତିକାନ୍ତ ଦତ୍ତ, ଗୋପାଳ ଆଶ୍, ମମତା ଦାସ, ସୁଶାନ୍ତ ଦାସ, ସୁଶୀଳ ଜେନା, ଗୟାଧର କର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ରାଉଳଙ୍କ ଜୀବନାଦର୍ଶ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ସାମ୍ବାଦିକତା ସାଙ୍ଗକୁ ସମାଜସେବା କ୍ଷେତ୍ରରେ ତାଙ୍କର ଭୂମିକା ଅନ୍ୟମାନଙ୍କ ପାଇଁ ଉଦାହରଣ ବୋଲି କହିଥିଲେ। ତାଙ୍କର ଅବର୍ତ୍ତମାନ କେବଳ ସାମ୍ବାଦିକତା ନୁହେଁ ବରଂ ସମାଜସେବା କ୍ଷେତ୍ରରେ ଶୂନ୍ୟସ୍ଥାନ ସୃଷ୍ଟି କରିଛି ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ।



# ଜମ୍ବେଶ୍ୱର ଡିଗ୍ରୀ ମହାବିଦ୍ୟାଳୟର ସାମ୍ବତ୍ସରିକ ଉତ୍ସବ



ଖଇରା,୧୭ ।୨ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗରସଙ୍ଗସ୍ଥିତ ଜମ୍ବେଶ୍ୱର ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକୋତ୍ସବ ଅଧକ୍ଷ ରତ୍ନାକର ହାତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ପୂର୍ବତନ ଏମପି ଅନନ୍ତ ପ୍ରସାଦ ସେଠୀ, ମୁଖ୍ୟବକ୍ତା ଭାବେ ଧାମନଗର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପବିତ୍ର ମୋହନ ପାଣିଗ୍ରାହୀ ଯୋଗ ଦେଇ ଥିଲେ। ଏଥିସହ କାର୍ଯ୍ୟକ୍ରମକୁ ଆସିନଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପନା ମଣ୍ଡଳୀ ଉପରେ ମୁଖ୍ୟଅତିଥି ଅସନ୍ତୋଷ ପ୍ରକାଶ କରିଥିଲେ। ଜିଲା ପରିଷଦ ସଦସ୍ୟା ସୁଷମା ମହାପାତ୍ର, ସ୍ଥାନୀୟ ସରପଞ୍ଚ ରାଜେନ୍ଦ୍ର କୁମାର ଦାସ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଚଳିତ ବର୍ଷର କ୍ରୀଡ଼ା ଚାମ୍ପିଅନ ଅଲିଭା କାଣ୍ଡି ଓ ସୁଜିତ ସାହୁ, ସାଂସ୍କୃତିକ ଚାମ୍ପିୟନ ସାଇ କିରଣ ଦାସ, ଷ୍ଟୁଡେଣ୍ଟ ଅଫ ଦି ଇୟର ଭାବେ ମାନସ କୁମାର ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧାପକ ସମିର କୁମାର ମହାରଣା ବାର୍ଷିକ ବିବରଣୀ ପାଠ, ଅଧାପିକା ଶୁଭଦର୍ଶନୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ କିରାଣୀ କମଳ କୁମାର ବାରିକ ଓ ଅଧାପକ ପବିତ୍ର ମୋହନ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ।

# ଠିକାଦାର ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ପ୍ରସ୍ତୁତି ବୈଠକ



ବାଲିଆପାଳ, ୧୭।୨ (ସମିସ): ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ଯୋଗୁଁ ରାଜ୍ୟ, ଜିଲ୍ଲା, ବ୍ଲକରେ ଥିବା ଠିକାଦାର ସଂଘ ପକ୍ଷରୁ ଫେବୃଆରୀ ୨୦ରେ ହେବାକୁ ଥିବା ଭୁବନେଶ୍ୱର ଠାରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ପାଇଁ ବାଲିଆପାଳ ଜୋନ ଠିକାଦାର ସଂଘ ପକ୍ଷରୁ ପୂର୍ତ୍ତବିଭାଗ ଡାକବଙ୍ଗଳାଠାରେ ଆନ୍ଦୋଳନକୁ ସଫଳ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଜେଡି ସରକାର ଥିବା ସମୟରେ ୨୦୧୯ ମସିହାରେ ରୟାଲଟିର ସଂଶୋଧନ ପାଇଁ ଠିକାଦାର ସଂଘ ପକ୍ଷରୁ ରାଜ୍ୟ ବ୍ୟାପୀ ୧୦ ଦଫା ଦାବି ନେଇ ଆନ୍ଦୋଳନ ତୀବ୍ର କରାଯାଇଥିଲା। ତନ୍ମଧ୍ୟରୁ ସରକାର ଗୋଟିଏ ଦାବି ଦୀର୍ଘ ଦିନ ପରେ ପୂରଣ କରିଥିଲେ। ବିଜେପି ସରକାର ଆସିବା ପରେ ୩/୧/୨୦୨୬ ରେ ନୋଟିଫିକେସନ ଜରିଆରେ ୧୪.୯୯ ପରସେଣ୍ଟ ରହିଥିବା ଧାର୍ଯ୍ୟକୁ ସରକାର ଉଚ୍ଛେଦ କରିଛନ୍ତି। ଯାହା ଫଳରେ ଠିକାଦାର ମାନେ ବହୁ ଲସ୍‌ରେ କାମ ପାଇବେ।ଏହା ଫଳରେ କାର୍ଯ୍ୟର ଗୁଣାତ୍ମକ ମାନ କମିବା ସହିତ ନିମ୍ନ ମାନର ହେବ ଏଥିରେ ସନ୍ଦେହ ନାହିଁ। ସରକାର ଜାରି କରିଥିବା ନୋଟିଫିକେସ କୁ ଉଚ୍ଛେଦ କରନ୍ତୁ ଏବଂ ସର୍ବନିମ୍ନ ଲେସ କୁ ଧାର୍ଯ୍ୟ କରାଯିବା ସହିତ ଅନ୍ୟ ଦାବି ଗୁଡିକ ପୂରଣ ପାଇଁ ସରକାର ପ୍ରତିଶ୍ରୁତି ନଦେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ଜିଲ୍ଲା ଠିକାଦାର ସଂଘ ର ସହ ସମ୍ପାଦକ ଅଦ୍ୱୈତ କୁମାର ଖୁଣ୍ଟିଆ, ସଞ୍ଜୟ କୁମାର ଦେ, ବାଲିଆପାଳ ବ୍ଲକ ଠିକାଦାର ସଂଘର ସଭାପତି ପ୍ରଫୁଲ୍ଲ କୁମାର ସାହୁ,ସହ ସମ୍ପାଦକ ଦିଲ୍ଲୀପ କୁମାର ଜେନା, ସକ୍ରିୟ ସଦସ୍ୟ ଦୁର୍ଯ୍ୟୋଧ କୁମାର ନାୟକ, ରାଜେଶ କୁମାର ଦେ, ଗଣେଶ ମହାପାତ୍ର, ଯଦୁନାଥ ସାହୁ, ଗଗନ ବିହାରୀ ସାହୁ, ଲୋକନାଥ ସାହୁ ପ୍ରମୁଖ ଯୋଗଦେଇ ଥିଲେ।

# ଗଞ୍ଜେଇ ଜବତ, ଜଣେ ଗିରଫ

ଖଇରା,୧୭ ।୨ (ସମିସ): ବାଲେଶ୍ୱର ଜିଲା ଅଧୀନ ଖଇରା ଅବକାରୀ ଥାନାର ଭାରପ୍ରାପ୍ତ ଅଧିକାରୀ ପ୍ରହ୍ଲାଦ ସାମଲ ନେତୃତ୍ୱରେ ଏକ ଟିମ ମଙ୍ଗଳବାର ଖଇରା ଥାନା ଅଧୀନ ବଣପାରିଆ ଗ୍ରାମରେ ଚଢଉ କରାଯାଇ ୨.୫କିଲୋଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏଥିରେ ସଂପୃକ୍ତ ଖଇରା ଥାନା ଅନ୍ତର୍ଗତ କୁପାରୀ ଗ୍ରାମର ଦୁଷ୍ମନ୍ତ ନାୟକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୨୫ହଜାର ଟଙ୍କା ହେବ ବୋଲି କୁହାଯାଉଛି। ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶ କ୍ରମେ ଏବଂ ନିରୀକ୍ଷକ କେଶବ ଚନ୍ଦ୍ର ଦାସଙ୍କ ତତ୍ତ୍ୱାବଧାନରେ କରାଯାଇଥିବା ଏହି ଚଢ଼ଉରେ ନୀଳଗିରି ଓଆଇସି ମନୋଜ କୁମାର ସାହୁ, ସୋର ଓଆଇସି ପ୍ରଜ୍ଞାପ୍ରିୟା ନାୟକ, ସହ ଉପନିରିକ୍ଷିକା ଦୀପିକା ପରିଡା, ମାନସ କୁମାର ମିଶ୍ର, ବସନ୍ତ ବାରିକ, କନେଷ୍ଟବଲ ଦେବାଶିଷ ମଲ୍ଲିକ, ତପନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ବୃଦ୍ଧାଙ୍କ ମୃତଦେହକୁ ତରବରିଆ ଭାବେ ପୋଡ଼ି ଦେବାକୁ ନେଇ ଉତ୍ତେଜନା

ଭୋଗରାଇ, ୧୭।୨ (ସମିସ): ବାଲେଶ୍ୱର ଜିଲ୍ଲା ତାଳସାରି ସାମୁଦ୍ରିକ ଥାନା ସାହାବାଜିପୁର ଗ୍ରାମର ଜଣେ ବିଧବା ବୃଦ୍ଧାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତ ମହିଳା ଜଣକ ହେଲେ ସ୍ୱର୍ଗତ କାର୍ତ୍ତିକ ପ୍ରଧାନଙ୍କ ସ୍ତ୍ରୀ ବାସନ୍ତୀ ପ୍ରଧାନ(୬୩)। ସାହାବାଜିପୁର ଗାଁର ବାସନ୍ତୀଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ପୁତ୍ର ଜୟନ୍ତ ଓ ପୁତ୍ରବଧୂ ଏବଂ ନାତିନାତୁଣୀ ସହିତ ଏକ ଘରେ ଅଲଗା ହୋଇ ରହି ଆସୁଥିଲେ ବାସନ୍ତୀ। ବାସନ୍ତୀ ଦୀଘାର ହୋଟେଲ ମାନଙ୍କରେ ବାସନ ମାଜି ପେଟ ପୋଷୁଥିଲା ବେଳେ ପୁଅ ଜୟନ୍ତ ପୈତୃକ ସମ୍ପତ୍ତିରେ ଜନ ସେବା କେନ୍ଦ୍ର ଓ ଅନ୍ୟାନ୍ୟ ବେପାର କରି ଚଳୁଥିଲେ। ମଙ୍ଗଳବାର ସକାଳେ ବାସନ୍ତୀ ଘର ଝଟାଉଥିବା ବେଳେ କୌଣସି ଏକ ପାରିବାରିକ କଥାକୁ ନେଇ ପରିବାର ମଧ୍ୟରେ କଳହ ସୃଷ୍ଟି ହୋଇଥିଲା। ପୁଅ ଜୟନ୍ତ ବିରକ୍ତ ହୋଇ ଘରୁ ବାହାରି ବାହାରକୁ ଚାଲି ଯାଇଥିଲା ବେଳେ ମା' ବାସନ୍ତୀ ଏକ ରଶି ବେକରେ ଲଗାଇ ଆତ୍ମହତ୍ୟା କରିଥିବା ଚର୍ଚ୍ଚା ହେଉଛି। କିଛି ସମୟ ପରେ ପୁଅ ଜୟନ୍ତ ଘରକୁ ଆସି ମା' ବାସନ୍ତୀ ଫାଶୀ ହେଇ ଝୁଲୁଥିବା ଦେଖି ଗାଁ,ସମ୍ପର୍କୀୟ ଓ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଓ ସମ୍ପର୍କୀୟ ଲୋକେ ଖବର ପାଇ ଘଟଣାସ୍ଥଳକୁ ଆସି ଝୁଲନ୍ତା ମୃତ ଦେହକୁ ଦେଖି ଖୋଲି ତଳକୁ ଓହ୍ଲାଇ ଦେଇ କେହି କିଛି ବୁଝିବା ପୂର୍ବରୁ ମୃତଦେହକୁ ନେଇ ପଡ଼ୋଶୀ ପଶ୍ଚିମବଙ୍ଗର ଦୀଘା ମୁହାଣରେ ଥିବା ଇଲେକ୍ଟ୍ରି ଚୁଲାରେ ପୋଡ଼ି ଦେଇଥିଲେ। ନିକଟରେ ଥିବା ତାଳସାରି ସାମୁଦ୍ରିକ ଥାନା ପୋଲିସକୁ ମଧ୍ୟ ଏବାବଦରେ କୌଣସି ସୂଚନା ଦେଇ ନ ଥିଲେ। ତେବେ ବୃଦ୍ଧା ବାସନ୍ତୀଙ୍କ ବାପ ଘର ଲୋକେ ପରେ ଖବର ପାଇ ସାହାବାଜିପୁର ଗାଁରେ ପହଞ୍ଚିବା ପରେ ପରିବାର ପକ୍ଷରୁ ଆକସ୍ମିକ ମୃତ୍ୟୁ ହୋଇଥିଲା ବୋଲି ପରିବାରର ସମ୍ପର୍କୀୟ ଲୋକମାନେ କହିଥିଲେ। ବାପ ଘର ଲୋକଙ୍କୁ ଖବର ନ ଦେବା ଓ ଆସିବା ବାଟକୁ ଅପେକ୍ଷା ନକରି ଶବକୁ ପୋଡ଼ି ଦେଇଥିବା ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା।

# ବାବା ବାଲୁଙ୍କେଶ୍ୱର ଆଞ୍ଚଳିକ ମହୋତ୍ସବ ଉଦ୍‌ଘାଟିତ

ଔପଦା, ୧୭।୨(ସମିସ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ଡଗରପଡ଼ା ପଞ୍ଚାୟତ ବଡ଼ବାହାଦଲପୁରଠାରେ ବାବା ବାଲୁଙ୍କେଶ୍ୱର ଆଞ୍ଚଳିକ ଜାଗର ମହୋତ୍ସବ ଉଦଘାଟିତ ହୋଇଯାଇଛି। ଗତ ରବିବାର ଉଦଘାଟନୀ ସନ୍ଧ୍ୟାର ପ୍ରାଣବନ୍ଧୁ ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଶଶୀ କୁମାର ସାହୁ ଯୋଗ ଦେଇ ମହୋତ୍ସବ ଭାଇଚାରାର ପର୍ବ ଏହା ସବୁ ଉତ୍ସବରୁ ଉର୍ଦ୍ଧ୍ୱରେ ରହି ସମସ୍ତଙ୍କ ଭିତରେ ଏକତା ସୃଷ୍ଟି କରେ ଏବଂ ସ୍ଥାନୀୟ ଲୁକ୍କାୟିତ ପ୍ରତିଭା ମାନଙ୍କୁ ଆଗକୁ ଆଣିବାରେ ପ୍ରମୁଖ ଭୂମିକା ଗ୍ରହଣ କରେ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ସମାଜସେବୀ ପ୍ରକାଶ କୁମାର ସାମଲ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଅଶୋକ କୁମାର ପ୍ରଧାନ, ସମାଜସେବୀ ଶ୍ୟାମସୁନ୍ଦର ସାହୁ, ମୁକେଶ ଦାଶ, ସାମ୍ବାଦିକ ଗଦାଧର ଜେନା , ସରପଞ୍ଚ ରତ୍ନାକର ଦଳାଇ, ସରକାରୀ ଆଇନଜୀବୀ ଜୟଶ୍ରୀ ବେହେରା ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ମହୋତ୍ସବର ସଦସ୍ୟ ଶମ୍ଭୁନାଥ ବେହେରା ମଞ୍ଚ ଆହ୍ୱାନ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ ସିରିଏଲ୍ ଅଭିନେତ୍ରୀଙ୍କ ସହ ନାମୀଦାମୀ କଣ୍ଠଶିଳ୍ପୀଙ୍କ ମନୋରଞ୍ଜନ ଭରା କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା।




# ଖଇରା କଂଗ୍ରେସ ପକ୍ଷରୁ ନୂତନ ବ୍ଲକ ସଭାପତିଙ୍କୁ ସମ୍ବର୍ଦ୍ଧନା

ଖଇରା,୧୭ ।୨ (ସମିସ): ଜାତୀୟ କଂଗ୍ରେସ ପକ୍ଷରୁ ବାଲେଶ୍ୱର ଜିଲା ତଥା ବିଭିନ୍ନ ବ୍ଲକ କମିଟି ପୁନର୍ଗଠନ ପ୍ରକ୍ରିୟାରେ ଖଇରା ବ୍ଲକ ପାଇଁ ସଭାପତି ଭାବେ ମହତୀପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ବସନ୍ତ କୁମାର ପାତ୍ରଙ୍କୁ ମନୋନୀତ କରାଯାଇଥିବା ବେଳେ ସଞ୍ଜୟ କୁମାର ଦଳେଇଙ୍କୁ ଜିଲା ଉପସଭାପତି ଭାବେ ମନୋନୀତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଖଇରା କଂଗ୍ରେସ କାର୍ଯ୍ୟାଳୟ ପରିସରରେ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ପୂର୍ବତନ ବ୍ଲକ ସଭାପତି ଶରତ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପୂର୍ବତନ ଏମପି ଅନନ୍ତ ପ୍ରସାଦ ସେଠୀ, କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା ଯୋଗ ଦେଇ ଆଗାମୀ ଦିନରେ କଂଗ୍ରେସ ପକ୍ଷରୁ ପଞ୍ଚାୟତ ଏବଂ ବ୍ଲକ ଦଖଲ ଲାଗି କର୍ମୀ ମାନେ ଏବେ ଠାରୁ କାର୍ଯ୍ୟ କରିବାକୁ ନେତୃବୃନ୍ଦ ପରାମର୍ଶ ଦେଇଥିଲେ। ନିର୍ବାଚନ ମଣ୍ଡଳୀର ଯୁବ କଂଗ୍ରେସ ସଭାପତି ନିରଞ୍ଜନ ପରିଡା, ବରିଷ୍ଠ ନେତା ବଳରାମ ଲେଙ୍କା, ମନୋରଞ୍ଜନ ପରମାଣିକ, ପ୍ରଶାନ୍ତ ପାତ୍ର, ପ୍ରଶାନ୍ତ ଦାସ, ଶୁନ୍ୟବାସୀ ଜେନା, ତାପସ କୁମାର ରାୟ, ପ୍ରଫୁଲ୍ଲ ବଳବନ୍ତରାୟ, ମଧୁସୁଦନ ଜେନା, ବସନ୍ତ ବେଜ ପ୍ରମୁଖ ଉପସ୍ଥିତ ଥିଲେ।



# ବ୍ୟାକରଣ ବିଭାଗର ଆଲୋଚନାଚକ୍ର

ବାଲିଆପାଳ, ୧୭।୨ (ସମିସ): ଏହି ବ୍ଲକ ଅନ୍ତର୍ଗତ ପଞ୍ଚୁପାଲିସ୍ଥିତ କମଳ ସଂସ୍କୃତ ମହିଳା ମହାବିଦ୍ୟାଳୟରେ ଏକଦିବସୀୟ ବ୍ୟାକରଣ ଆଲୋଚନାଚକ୍ର ମଙ୍ଗଳବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ରାଜକିଶୋର ବାରିକଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ପ୍ରଫେସର ଶଙ୍କର୍ଷଣ ପଣ୍ଡା, ମୁଖ୍ୟ ବକ୍ତା ଅଧାପକ ସଦାନନ୍ଦ ଦୀକ୍ଷିତ, ସମୀର କୁମାର ନନ୍ଦ, ସିଦ୍ଧେଶ୍ୱର ପତି, କଲେଜ ପ୍ରତିଷ୍ଠାତା ଅଶୋକ କୁମାର ଗିରି ପ୍ରମୁଖ ଯୋଗଦେଇ ଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ବ୍ୟାକରଣ ବିଭାଗର କର୍ମକାରମ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। ଅଧାପକ ଲକ୍ଷ୍ମୀକାନ୍ତ ରଥ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧାପକ କୃଷ୍ଣାନନ୍ଦ ପାତ୍ର ଅତିଥି ମାନଙ୍କୁ ସମ୍ବର୍ଦ୍ଧନା କରିଥିଲେ। ଅଧାପକ ବନମାଳୀ ପରିଡା, ଚନ୍ଦନ ନନ୍ଦ ସମ୍ବିତ ପ୍ରଧାନ, ଅଧାପିକା ସରୋଜିନୀ ପରିଡା, ସବିତା ସାହୁ, ବୁଦ୍ଧିମଣି ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧାପକ ଲକ୍ଷ୍ମୀକାନ୍ତ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ୟକ୍ତିଗତ ଜାଗାରେ ମିଶନ ଶକ୍ତି ଗୃହ ନିର୍ମାଣକୁ ବିରୋଧ

ନୀଳଗିରି, ୧୭।୨ (ସମିସ)




ବିଡିଓଙ୍କ ନିକଟରେ ଫେରାଦ

ତତ୍କାଳୀନ ତହସିଲଦାର ଘର ବାଡ଼ି ସହ ଚାରି ଡେସିମିଲି ଜାଗା ଦେଇଥିଲେ। ମାତ୍ର ଏହି ଜାଗା ଉପରେ ସରକାରଙ୍କ ପକ୍ଷରୁ ଏକ ମିଶନ ଶକ୍ତି ଗୃହ ନିର୍ମାଣ କରାଯାଉଛି। ଏ ନେଇ ଜମିର ମାଲିକ ଲିଖିତ ଭାବେ ନୀଳଗିରି ବିଡ଼ିଓଙ୍କୁ ଗୁହାରି ଜଣାଇଛନ୍ତି। ସୂଚନା ଅନୁସାରେ ନୀଳଗିରି ବ୍ଲକର ମାଟିଆଳି ପଞ୍ଚାୟତର ନଟାପଡ଼ା ଗ୍ରାମର ଲକ୍ଷ୍ମୀଧର ଦାସଙ୍କ ନାମେ ସରକାର ମାଟିଆଳି ମୌଜାର ଖାତା ୭୨୦/୨୫୪ରେ ଚାରି ଡେସିମିଲି ଘର ବାଡ଼ି ଜାଗା ପ୍ରଦାନ କରିଛନ୍ତି। ମାତ୍ର ଉକ୍ତ ଜାଗାରୁ ବିଭିନ୍ନ ପ୍ରକାରର ଗଛ କୁ କାଟି ନୀଳଗିରି ବ୍ଲକର ଯନ୍ତ୍ରୀ ଭରତ ସିଂ ଗ୍ରାମର କିଛି ଅସାମାଜିକ ବ୍ୟକ୍ତିଙ୍କୁ ଧରି ନୂତନ ମିଶନ୍ ଘର ନିର୍ମାଣ କରୁଛନ୍ତି। ଏ ନେଇ ଲକ୍ଷ୍ମୀଧର ଦାସଙ୍କ ପୁଅ ଭରତ ଦାସ ପ୍ରତିବାଦ କରିବାରୁ ତାଙ୍କ କଥାକୁ ଶୁଣି ନ ଥିଲେ। ଶେଷରେ ନିରୁପାୟ ହୋଇ ଭରତ ଦାସ ନୀଳଗିରି ବିଡ଼ିଓଙ୍କୁ ଲିଖିତ ଭାବେ ଜଣାଇ ଥିବାବେଳେ ତଦନ୍ତ କରି ନ୍ୟାୟ ପ୍ରଦାନ ପାଇଁ ଅନୁରୋଧ କରିଛନ୍ତି। ଏ ନେଇ ନୀଳଗିରି ବିଡିଓ ବିକ୍ରମ କେଶରୀ ପରିଡ଼ାଙ୍କୁ ପଚାରିବାରୁ ଅଭିଯୋଗ ପାଇଛି, ଏ ନେଇ ନୀଳଗିରି ତହସିଲଦାରଙ୍କୁ ଜାଗା ଚିହ୍ନଟ ପାଇଁ ଚିଠି ଲେଖି ଜଣାଇଥିବା ପ୍ରକାଶ କରିଛନ୍ତି।

# ମଦ ସହ ବାଇକ୍ ଜବତ, ଜଣେ ଗିରଫ

ଭୋଗରାଇ,୧୭।୨(ସମିସ): ଭୋଗରାଇ ଅବକାରୀ ଥାନା ପକ୍ଷରୁ ଚଢାଉ କରାଯାଇ ଜଣେ ଚୋରା ମଦ ବେପାରୀଙ୍କୁ ଗିରଫ କରାଯାଇଛି। ଉଦୟପୁର ଗ୍ରାମର ନନୀ ଗୋପାଳ ବେହେରାଙ୍କ ପୁଅ ପରେଶ ଏକ ବାଇକ୍ ସହିତ ୭୮ ଲିଟର ଚୋରା ଦେଶୀ ମଦ ନେଇଯାଉଥିବା ସମୟରେ ଭୋଗରାଇ ଅବକାରୀ ଥାନା ଓଆଇସି ସୁନୀଲ ମାଝୀ, ଏଏସଆଇ ଦିଲ୍ଲୀପ ତ୍ରିପାଠୀ, କନଷ୍ଟେବଲ ବ୍ରହ୍ମଜିତ ଦାସ ବାସୁଦେବ କାମିଲାଙ୍କ ସହିତ ଅନ୍ୟମାନେ ଆସାମିକୁ ଗିରଫ କରି କୋର୍ଟ ଚାଲାଣ କରିଛି।

